# Third Evacuation Flight from Wuhan, China

**February 27, 2020**

---

# ଚାଇନାର ୱୁହାନରୁ ଭାରତକୁ ତୃତୀୟ ସ୍ଥାନାନ୍ତର ବିମାନ

ଫେବୃୟାରୀ 27, 2020

ଭାରତ ସରକାର 26 ଫେବୃଆରୀ 2020 ରେ ମାସ୍କ, ଗ୍ଲୋଭସ୍ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ଚିକିତ୍ସା ଉପକରଣ ସହିତ ଚୀନ୍ କୁ 15 ଟନ୍ ଚିକିତ୍ସା ସହାୟତା ପ୍ରଦାନ କରିଥିଲେ। ଏହି ସାମଗ୍ରୀ ଭାରତୀୟ ବାୟୁସେନାର C-17 ସ୍ୱତନ୍ତ୍ର ବିମାନ ଦ୍ୱାରା 26 ଫେବୃଆରୀ ବିଳମ୍ବରେ ଚାଇନାର ୱୁହାନରେ ପହଞ୍ଚିଥିଲା ।

ଚାଇନାରେ କରୋନା ଜୀବାଣୁ (କୋଭିଡ 19) ବିସ୍ତାର ଏବଂ ମାସ୍କ ଏବଂ ଚିକିତ୍ସା ଉପକରଣ ଯୋଗାଣ ପାଇଁ ଚୀନ୍‌ର ଅନୁରୋଧକୁ ଦୃଷ୍ଟିରେ ରଖି ଏହି ସହାୟତା ପ୍ରଦାନ କରାଯାଇଛି।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ 8, 2020 ରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଚିଠି ଲେଖି ଭାରତ ଏବଂ ଭାରତ ସରକାରଙ୍କ ଚୀନ୍‌ର ଲୋକ ତଥା ସରକାରଙ୍କ ସହ ଏକଉ୍ଧ ଭାବ ପ୍ରକାଶ କରିଛନ୍ତି ଏବଂ ଏହି ଆବଶ୍ୟକତା ଏ ସମୟରେ ଉପହାର ସ୍ୱରୂପ ଚୀନ୍‌କୁ ସହାୟତା ପ୍ରଦାନ କରିଛନ୍ତି । ଏସମସ୍ତ ଚିକିତ୍ସା ଯୋଗାଣ ସାମଗ୍ରୀ ଏହି ସଂକ୍ରମଣର ବିସ୍ତାରକୁ ନିୟନ୍ତ୍ରଣ କରିବା ପାଇଁ ଚୀନ୍‌ର ପ୍ରୟାସକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସାର୍ବଜନିକ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଭାବରେ ଘୋଷଣା ହୋଇଛି ।

ପଠାଯାଉଥିବା ଏହି ସହାୟତା ମଧ୍ୟ ଚୀନ୍ ଲୋକଙ୍କ ପ୍ରତି ଭାରତର ବନ୍ଧୁତା ଏବଂ ଏକତାର ପ୍ରତୀକ ଅଟେ  । କାରଣ ଉଭୟ ଦେଶ ମଧ୍ୟ ଚଳିତ ବର୍ଷ କୂଟନୈତିକ ସମ୍ପର୍କ ପ୍ରତିଷ୍ଠାର 70 ତମ ବାର୍ଷିକୀ ପାଳନ କରୁଛି ।

ୱୁହାନରୁ ଫେରିବା ପରେ ଭାରତୀୟ ବାୟୁସେନାର ଏହି ବିମାରେ 76 ଭାରତୀୟ ନାଗରିକ (ଏମାନଙ୍କ ମଧ୍ୟରେ ୱୁହାନରେ ଫସି ରହିଥିବା 3 ଭାରତୀୟ ଦୂତାବାସର ଅଧିକାରୀ ମଧ୍ୟ ସାମିଲ ଥିଲେ), 36 ବିଦେଶୀ ନାଗରିକଙ୍କୁ ମଧ୍ୟ ଫେରାଇ ଅଣାଯାଇଥିଲା, ଏମାନଙ୍କ ମଧ୍ୟରେ ଥିଲେ ଭାରତକୁ ସହାୟତା ମାଗିଥିବା କିଛି ପଡ଼ୋଶୀ ଦେଶର ନାଗରିକ । ପ୍ରଧାନମନ୍ତ୍ରୀ ମୋଦୀଙ୍କର ପ୍ରଥମେ ପଡ଼ୋଶୀ ରାଷ୍ଟ୍ର ନୀତି ଆଧାରରେ ଏମାନଙ୍କୁ ଅଣାଯାଇଥିଲା । ଏହି ବିଦେଶୀ ନାଗରିକମାନଙ୍କ ମଧ୍ୟରେ ଥିଲେ, 23 ଜଣ ବାଙ୍ଗଲାଦେଶୀ, ଚୀନର 6 ଜଣ, ମିଆଁମାର ଓ ମାଳଦ୍ୱୀପରୁ 2 ଜଣ ଲେଖାଏଁ ଏବଂ ଦକ୍ଷିଣ ଆଫ୍ରିକା, ଆମେରିକା ଓ ମାଡଗାସ୍କରର ଜଣେ ଲେଖାଏଁ ବିଦେଶୀ ।

ଆଜିକୁ ମିଶାଇ ମୋଟ ତିନୋଟି ବିମାନର ଉଡାଣ ଆୟୋଜନ କରାଯାଇଛି । ପୂର୍ବର ଦୁଇ ଉଡ଼ାଣ 31 ଜାନୁୟାରୀ ଏବଂ 1 ଫେବୃୟାରୀରେ କରାଯାଇଥିଲା । ତିନୋଟି ଉଡ଼ାଣରେ ମୋଟ 723 ଜଣ ଭାରତୀୟ ଏବଂ 43 ବିଦେଶୀ ନାଗରିକଙ୍କୁ ଚୀନର ୱୁହାନରୁ ଅଣା ଯାଇଛି ।

**ନୂଆ ଦିଲ୍ଲୀ**
**ଫେବୃୟାରୀ 27, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.